# ଓଡିଶା ରାଜ୍ୟ ଅର୍ଥ ନିଗମ

## ଓ.ଏମ.ପି ଛକ, କଟକ – ୭୫୩୦୦୩

# ଜମି/ଗୃହ ବିକ୍ରୟ ବିଜ୍ଞାପନ

ବିଜ୍ଞାପନ ନଂ· **APD**/୦୧ /୧୭–୧୮ ତା ୨୦/୦୧/୨୦୧୮

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦ ଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୦୭/୦୨/୨୦୧୮ ସମୟ ଦିବା ୧୧·୩୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ, ମୁଖ୍ୟ କାର୍ଯ୍ୟାଳୟ,, ଓ.ଏମ.ପି ଛକ, କଟକ–୦୩ ଠାରେ ହେବାକୁ ଥିବା **Sub-Committee** ଦ୍ୱାରା ନିମ୍ନୋକ୍ତ ସଂପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସଂପତ୍ତିର ବିଶଦ ବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ । ଟେଣ୍ଡର ଫର୍ମ କୁ ସଠିକ୍ ଭାବେ ପୂରଣ କରି ତା ୦୬ /୦୨/୨୦୧୮ ସମୟ ଅପରାହ୍ନ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ । ଯଦି କୌଣସି ଟେଣ୍ଡର ଆବେଦନ ପତ୍ର ବିଳମ୍ବରେ ନିମ୍ନ ସ୍ୱାକ୍ଷରକାରୀଙ୍କର ହସ୍ତଗତ ହୁଏ ଅଥବା ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥାଏ ତେବେ ତାହା ନାକଚ ହୋଇଯିବ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱୀକୃତିପ୍ରାପ୍ତ ପ୍ରତିନିଧି ମାଧ୍ୟମରେ **Committee** ଙ୍କ ନିକଟ ରେ ଉପସ୍ଥିତ ହେବେ ଏବଂ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସ– ତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ମିଶାଇ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ପେ ଅର୍ଡର/ ବ୍ୟାଙ୍କର୍ସ ଚେକ୍/ମନି ଟ୍ରାନ୍ସଫର ଜମା ଭାବେ ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବାଜ୍ୟାପ୍ତି ହୋଇଯିବ । ବିକ୍ରୟ ସ– ତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବାଜ୍ୟାପ୍ତି କରିପାରିବ ।

ଉକ୍ତ ସ– ତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ·

| କ୍ରମାଙ୍କ | ବିକ୍ରୟ ସ– ତ୍ତିର ବିବରଣୀ/ସଂରକ୍ଷିତ ମୂଲ୍ୟ | ଅମାନତ ଜମା (ଟଙ୍କା) |
|---|---|---|
| ୦୧ | ସ୍ଥାନ – ଇନ୍ଦ୍ରଧନୁ ମାର୍କେଟ କମ୍ପ୍ଲେକ୍ସ (୩ୟ ମହଲା),ନୟାପଲ୍ଲୀ, ଭୁବନେଶ୍ୱର -୧୫, ଅଫିସ ଘର : ୮୫୮୯.୪୬ ବର୍ଗଫୁଟ, ମୌ -ନୟାପଲ୍ଲୀ, ଖାତା ନଂ -୩୮୮ ,ପ୍ଲଟ ନଂ -୯୭୭(ପି) ଓ ୯୭୮(ପି), ସଂରକ୍ଷିତ ମୂଲ୍ୟ – ଟ· ୪.୫୦ କୋଟି | ୨୨,୫୦,୦୦୦/- |
| ୦୨ | ମୌଜା - ଦାନିପାଲି, ଥାନା - ସମ୍ବଲପୁର, ଖାତା ନଂ -୩୧୮,ପ୍ଲଟ ନଂ -୫୨୫,୫୨୬ ଓ ୫୨୬/୨୮୫୪, କିସମ - ଘରବାରି, ପରିମାଣ - ଏ ୧.୯୧ ଡିସିମଲ(ଜମି ଉପରେ ଥିବା ଗୃହ ସହିତ), ଜାତୀୟ ରାଜପଥ-୬ ପାର୍ଶ୍ୱରେ ଅବସ୍ଥିତ , ସଂରକ୍ଷିତ ମୂଲ୍ୟ – ଟ· ୨୦.୦୦ କୋଟି | ୧,୦୦,୦୦,୦୦୦/- |

ବି:ଦ୍ର – ବିକ୍ରୟ ବିଜ୍ଞାପନ ଏବଂ ୱେବ୍ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜ୍ଜନୀୟ ।

ସ୍ୱା/–

ପରିଚାଳନା ନିର୍ଦ୍ଦେଶକ